ପ୍ରେସ୍ ନୋଟ୍

## ଯାତ୍ରୀବାହୀ ଗାଡି ଗୁଡିକ ନୂତନ ବସ୍ ଟର୍ମିନାଲରେ ପାର୍କିଂ ପାଇଁ ଆଦେଶ ।

ଅନୁଗୋଳ,ତା.୦୪.୦୪: -ମୋଟର ଯାନ ଆଇନ୍ ୧୯୮୮ର ପରିଛେଦ ୧୧୭ ଏବଂ ଓଡିଶା ମୋଟର ଯାନ ଆଇନ୍ ୧୯୭୬ର ଧାରା ୧୭୩ ଅନୁଯାଯ୍ୟୀ ଯାତ୍ରୀ ପରିବହନ କରୁଥିବା ସମସ୍ତ ଗାଡି ଏପ୍ରିଲ ମାସ ୭ ତାରିଖଠାରୁ ୱାର୍ଡ ନଂ୧୫ ତାମ୍ରିତ କଲୋନୀ ଠାରେ ଅବସ୍ଥିତ ନୂତନ ବସ୍ ଟର୍ମିନାଲରେ ପାର୍କିଂ କରିବେ ବୋଲି ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ୭ ତାରିଖ ପରଠାରୁ କୌଣସି ଗାଡି ଉପରିସ୍ଥ ଜାଗା ବ୍ୟତିତ ଅନ୍ୟ ଜାଗାରେ ପାର୍କିଂ କରିପାରିବେ ନାହିଁ । ଏହି ନିୟମକୁ ଅମାନ୍ୟ କରିଲେ ମୋଟର ଯାନ ଆଇନ୍ ୧୯୮୮ର ଧାରା ୧୯୨(କ) ଅନୁଯାଯ୍ୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ଜଣାଇଛନ୍ତି ।

## ୫୫ନଂ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟର ସରଜମିନ ତଦନ୍ତ ।

ଅନୁଗୋଳ ସବଡିଭିଜନ ଦେଇ ଯାଇଥିବା ୫୫ ନଂ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟର ସରଜମିନ ତଦନ୍ତ ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବଇତୁରା ଦିପ୍ ଦ୍ୱାରା କରାଯାଇଥିଲା । ଅନୁଗୋଳ ଟାଉନ୍ ଠାରୁ ବଅଁରପାଳର ସନ୍ତରିଛକ ପର୍ଯ୍ୟନ୍ତ ପୁରୁଣା ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ନିର୍ମାଣ କରାଯାଉଥିବା ଜଳ ନିଷ୍କାସନ ଓ ମନ୍ଦିର ନିର୍ମାଣ କାର୍ଯ୍ୟ ସମୀକ୍ଷା କରିଥିଲେ । ବିଭିନ୍ନ ସ୍ଥାନରେ କାର୍ଯ୍ୟରେ ଅଗ୍ରଗତି ନିମନ୍ତେ ଉପୁଜୁଥିବା ସମସ୍ୟା ସବୁକୁ ସରଜମିନ୍ ରେ ସମୀକ୍ଷା କରି ତୁରନ୍ତ ସମାଧାନ ନିମନ୍ତେ ତତ୍ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । CPARROR ଠିକାଦାରୀ ସଂସ୍ଥାର କର୍ତ୍ତୃପକ୍ଷଙ୍କୁ ଏହି ପ୍ରକଳ୍ପ ସହ ଜଡିତ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷାକରି ତୁରନ୍ତ ଜାତୀୟ ରାଜପଥ ନିର୍ମାଣ,ଜଳ ନିଷ୍କାସନ ଓ ମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ବଅଁରପାଳର ସନ୍ତରୀଛକ ଠାରୁ ଅନୁଗୋଳର ରନ୍ତଲେଇ ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ଜାତୀୟ ରାଜପଥର ବାଇପାସ୍ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ ଓ ତୁରନ୍ତ ଅଗ୍ରାଧିକାର ଭିତ୍ତିରେ ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଉପଜିଲ୍ଲାପାଳଙ୍କ ଏହି ସରଜମିନ ତଦନ୍ତ କାର୍ଯ୍ୟକ୍ରମରେ ଅନୁଗୋଳ ତହସିଲଦାର ଶ୍ରୀ ଶାସ୍ୱତ ରଞ୍ଜନ ଦାସ,ବଅଁରପାଳ ତହସିଲଦାର ଶ୍ରୀ ସଚ୍ଚିଦାନନ୍ଦ ନାୟକ, ଜାତୀୟ ରାଜପଥ ଭୂ-ଅର୍ଜନ ଅଧିକାରୀ ଶ୍ରୀମତୀ ମନିଷା ଗୁପ୍ତା,ସହକାରୀ ଜିଲ୍ଲାପାଳ ଶ୍ରୀ ସୁକାନ୍ତ କୁମାର ସାହୁ ଓ CPARROR ଠିକାଦାରୀ ସଂସ୍ଥାର ଡେପୁଟୀ ମ୍ୟାନେଜର ଶ୍ରୀ ଜୟ ପ୍ରକାଶ ସିଂ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

OPPO Reno7 5G
2023.04.04 18:40

